ଗ୍ରାମୀଣ କୃଷି ମୌସମ ସେବା
ଭାରତୀୟ ପାଣିପାଗ ବିଭାଗ
ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ବର– ୭୫୧୦୦୩

Dr.T.R. Mohanty
Nodal Officer

**ସପ୍ତାହ –୩୯**

ନ.- ୯୩୨ (ଓଡିଆ ବୁଲେଟିନ)
ତାରିଖ- ୩୦.୦୯.୨୦୨୫

(ସୌଜନ୍ୟ – ଓୟୁଏଟି ସ୍ଥିତ କୃଷି ପାଣିପାଗ ଉପବିଭାଗ ଓ ଓଡ଼ିଶା ସରକାରଙ୍କ କୃଷି ନିର୍ଦ୍ଦେଶାଳୟ, ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶାଳୟ ଓ ମତ୍ସ୍ୟ ନିର୍ଦ୍ଦେଶାଳୟ)

## କେନ୍ଦ୍ରାପଡ଼ା ଜିଲ୍ଲା (ପୂର୍ବ ଓ ଦକ୍ଷିଣ ପୂର୍ବ ଉପକୂଳବର୍ତୀ ସମତଳ ଅଞ୍ଚଳ)

| ଗତ ସପ୍ତାହର ପାଣିପାଗ ସମ୍ବନ୍ଧୀୟ ସୂଚନା (୨୪.୦୯.୨୦୨୫ ରୁ ୩୦.୦୯.୨୦୨୫) | | |
|---|---|---|
| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେଲସିୟସ) | ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେଲସିୟସ) | ବୃଷ୍ଟିପାତ (ମି. ମି.) |
| 30.3 | 23.7 | 82 |

### ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ ଆଗାମୀ ୦୧. ୦ ୧୦. ୨୦୨୫ ରୁ ୦୫ .୧୦ .୨୦୨୫ ତାରିଖ ପର୍ଯ୍ୟନ୍ତ ପାଣିପାଗ ସୂଚନା

| ପାଣିପାଗ କାରକ | ପ୍ରଥମ ଦିନ | ଦ୍ବିତୀୟ ଦିନ | ତୃତୀୟ ଦିନ | ଚତୁର୍ଥ ଦିନ | ପଞ୍ଚମ ଦିନ |
|---|---|---|---|---|---|
| ବୃଷ୍ଟିପାତ &ଆକାଶରସ୍ଥିତି | ସ୍ୱଳ୍ପ ବର୍ଷା ଓ ଆକାଶ ସାଧାରଣତଃ ମେଘୁଆ | ସ୍ୱଳ୍ପ ବର୍ଷା ଓ ଆକାଶ ସାଧାରଣତଃ ମେଘୁଆ | ମଧ୍ୟମ ଧରଣର ବର୍ଷା ଓ ଆକାଶ ସାଧାରଣତଃ ମେଘୁଆ | ମଧ୍ୟମ ଧରଣର ବର୍ଷା ଓ ଆକାଶ ସାଧାରଣତଃ ମେଘୁଆ | ସ୍ୱଳ୍ପ ବର୍ଷା ଓ ଆକାଶ ସାଧାରଣତଃ ମେଘୁଆ |
| ସର୍ବାଧିକତାପମାତ୍ରା(°C) | 36 | 35 | 35 | 36 | 37 |
| ସର୍ବନିମ୍ନତାପମାତ୍ରା(°C) | 26 | 26 | 26 | 27 | 27 |
| ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା(%) | 89 | 90 | 89 | 89 | 90 |
| ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା(%) | 63 | 66 | 78 | 79 | 77 |
| ପବନରବେଗ (କି.ମି./ଘ.) | 10 | 12 | 17 | 17 | 3 |
| ପବନରଦିଗ | 343 | 33 | 120 | 168 | 196 |

ଭାରତୀୟ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ, ଆଗାମୀ ପାଞ୍ଚ ଦିନ ପର୍ଯ୍ୟନ୍ତ କେନ୍ଦ୍ରାପଡ଼ା ଜିଲ୍ଲାରେ ସ୍ୱଳ୍ପ ରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଅଛି। ଆଗାମୀ ୫ ଦିନ ପର୍ଯ୍ୟନ୍ତ ଆକାଶ ସାଧାରଣତଃ ମେଘୁଆ ରହିବାର ସମ୍ଭାବନା ଥିବାବେଳେ ପବନର ବେଗ ହାରାହାରି ୦୩ ରୁ ୧୭ କି.ମି. ପ୍ରତି ଘଣ୍ଟା ପର୍ଯ୍ୟନ୍ତ ରହିବାର ସୂଚନା ରହିଛି । ସେହିପରି ଆଗାମୀ ୫ ଦିନ ପର୍ଯ୍ୟନ୍ତ ଦିନର ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୩୫ -୩୭ ଡିଗ୍ରୀ ସେଲସିଅସ ଓ ୨୬ -୨୭ ଡିଗ୍ରୀ ସେଲସିଅସ ମଧ୍ୟରେ ରହିବାର ସମ୍ଭାବନା ରହିଅଛି ।

## ବିଶେଷ କୃଷି ସୂଚନା

- ❖ ପାଣିପାଗ ବିଭାଗ, ଭୁବନେଶ୍ୱରର ପୂର୍ବାନୁମାନ ଅନୁସାରେ, ଆଗାମୀ ପାଞ୍ଚ ଦିନ ପର୍ଯ୍ୟନ୍ତ କେନ୍ଦ୍ରାପଡା ଜିଲ୍ଲାରେ ସ୍ୱଳ୍ପ ରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଅଛି ।
- ❖ ପାଣିପାଗର ପୂର୍ବାନୁମାନ ଅନୁସାରେ, ଆଗାମୀ ପାଞ୍ଚ ଦିନ ପର୍ଯ୍ୟନ୍ତ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବଜ୍ରପାତ ସହିତ ପବନର ବେଗ ୩୦-୫୦ କି.ମି. ପ୍ରତି ଘଣ୍ଟା ରହିବାର ସମ୍ଭାବନା ରହିଛି । ତେଣୁ, ଚାଷୀ ଭାଇମାନଙ୍କୁ ବଜ୍ରପାତ ସମୟରେ ଖୋଲା ସ୍ଥାନ, ଗଛତଳେ, କିମ୍ବା ପାଣି ଥିବା ସ୍ଥାନ ନିକଟରେ ରୁହନ୍ତୁ ନାହିଁ । ଯଦି କୌଣସି ସୁରକ୍ଷିତ ସ୍ଥଳ ଉପଲବ୍ଧ ନଥାଏ, ତେବେ ଖୋଲା ଜାଗାରେ ତଳକୁ ବସି ଦୁଇଟି ପାଦକୁ ଏକସାଥିରେ ରଖନ୍ତୁ, ଯେପରିକି ଶରୀରର ସବୁଠାରୁ କମ ଅଂଶ ମାଟି ସହିତ ଲାଗିରହିବ । ବିଦ୍ୟୁତ ଉପକରଣ ଏବଂ ପାଣିମୋଟର ଚାଲୁ ରଖିବେ ନାହିଁ, କାରଣ ଏହା କ୍ଷତି ସୃଷ୍ଟି କରିପାରେ । ବିଦ୍ୟୁତ ତାର, ଲୁହା ଜାଲି ଏବଂ ମୋବାଇଲ୍ ଫୋନ୍ କୁ ବଜ୍ରପାତ ସମୟରେ ଛୁଅନ୍ତୁ ନାହିଁ ।
- ❖ ଆଗାମୀ ୫ ଦିନ ପର୍ଯ୍ୟନ୍ତ ବର୍ଷାର ସମ୍ଭାବନା ଥିବାରୁ ଫସଲରେ ସାର ଓ କୀଟନାଶକ ପ୍ରୟୋଗ ସାମୂହିକ ପାଇଁ ସ୍ଥଗିତ ରଖନ୍ତୁ ।
- ❖ ଅଣ ଧାନ ଫସଲ ଓ ପନିପରିବା ତଳିଘେରା ରୁ ଅତ୍ୟଧିକ ବର୍ଷା ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ ।
- ❖ ଆଖୁ ଗଛ ନ ପଡିବା ପାଇଁ ୪ ରୁ ୫ ଟି ଗଛ ର ପତ୍ର ଗୁଡିକୁ ଗୋଟିଆ ସ୍ଥାନ ରେ ବାନ୍ଧି ରଖନ୍ତୁ ଓ ତେରା ଦିଅନ୍ତୁ ।
- ❖ କଦଳୀ ଚାଷୀ ଭାଇମାନଙ୍କୁ ପରାମର୍ଶ ଦିଆଯାଉଛି ଯେ ଜମିରୁ ପାଣି ନିଷ୍କାସନର ବ୍ୟବସ୍ଥା କରନ୍ତୁ ଏବଂ ଜ୍ୟେଷ୍ଠ ମାସରେ ଲଗାଯାଇଥିବା କଦଳୀ ଗଛଗୁଡିକ ୩ ରୁ ୪ ମାସର ହୋଇଯାଇଥିଲେ ଗଛ ମୂଳକୁ ମାଟି ଟେକି ଦିଅନ୍ତୁ । ବର୍ଷା ଛାଡିଗଲା ପରେ ଗଛର ଅଭିବୃଦ୍ଧି ପାଇଁ ଅନୁମୋଦିତ ସୁକ୍ଷ୍ମ ସାର ବ୍ୟବହାର କରନ୍ତୁ ।
- ❖ ଗାଇଗୋରୁ ମାନଙ୍କୁ ଶୁଖିଲା ଓ ସଫା ଥିବା ଗୁହାଳରେ ରଖନ୍ତୁ । ପର୍ଯ୍ୟାପ୍ତ ପରିମାଣ ର ଗୋଖାଦ୍ୟ ଓ ପାଣି ଦିଅନ୍ତୁ ଓ ଅଧିକ ବର୍ଷା ରୁ ସୁରକ୍ଷିତ ରଖନ୍ତୁ ।
- ❖ ଓଡ଼ିଶା ଉପକୂଳରେ ଆଗାମୀ ୪ ଦିନ ପର୍ଯ୍ୟନ୍ତ ସମୁଦ୍ରକୁ ପ୍ରବେଶ ନକରିବାକୁ ମାଛ ଧରାଳି ମାନଙ୍କୁ ସତର୍କ କରାଯାଉଅଛି ।

| ଫସଲ | ଅବସ୍ଥା | କୃଷି ପରାମର୍ଶ |
|---|---|---|
| ଧାନ | ପିଲ - କେଣ୍ଡା ବାହାରିବା ଅବସ୍ଥା | ❖ ଗୁଣ୍ଡି ପୋକ ବା ଚକଡା ଏବଂ ଧଳା ପିଠିଆ ଗଛ ଡିଆ ପୋକ-<br>ବର୍ତମାନ ସମୟରେ ଧାନ ଫସଲରେ ମାଟି ଗୁଣ୍ଡି ପୋକ ବା ଚକଡା ଏବଂ ଧଳା ପିଠିଆ ଗଛ ଡିଆ ପୋକ ଲାଗିବାର ସମ୍ଭାବନା ଅଛି । ଏହି ପୋକ ଗୁଡିକ ର ପରିଚାଳନା ପାଇଁ ଅଧିକ ଯବକ୍ଷାରଜାନ ସାର ବ୍ୟବହାର କରନ୍ତୁ ନାହିଁ । ଧାନ ଜମି ରେ ଅଧିକ ସମୟ ପର୍ଯ୍ୟନ୍ତ ଠିଆ ପାଣି ରଖନ୍ତୁ ନାହିଁ । ଜଳ ନିୟନ୍ତ୍ରଣ ର ସୁବିଧା ଥିଲେ ପର୍ଯ୍ୟାୟ କ୍ରମେ ଜଳସେଚନ ଏବଂ ନିଷ୍କାସନ କରନ୍ତୁ ଯେମିତିକି କ୍ରମାଗତ ଭାବରେ ମାଟି ଓଦା ଏବଂ ଶୁଖିଲା ରହିବ। ସୂର୍ଯାଲୋକ ଏବଂ ବାୟୁ ଚଳାଚଳ ପାଇଁ ପୂର୍ବ ରୁ ପଶ୍ଚିମ ଦିଗ କୁ ୬ଫୁଟ ବ୍ୟବଧାନ ରେ ପାହି କରନ୍ତୁ ।<br>❖ ବୀଜାଣୁ ଜନିତ ପତ୍ର ପୋଡା ରୋଗ-<br>ବର୍ଷା ଛାଡିଗଲା ପରେ ରାସାୟନିକ ଉପାୟରେ ଏହି ରୋଗର ପରିଚାଳନା ପାଇଁ ଏକର ପ୍ରତି ୬୦୦-ଗ୍ରାମ Copper Hydroxide କିମ୍ବା ୨୦୦-ଗ୍ରାମ Plantomycin ସହିତ ୬୦୦-ଗ୍ରାମ Copper Oxy Chloride ଏକର ପ୍ରତି ୨୦୦ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |
| ହରଡ଼ | ଅଙ୍ଗୀୟ ବୃଦ୍ଧି ଅବସ୍ଥା- ଫୁଲ ଧରିବା ଅବସ୍ଥା | ❖ ରୋଗ ଓ ପୋକ ପରିଚାଳନା:<br>ବର୍ଷା ଛାଡିଗଲା ପରେ ପତ୍ରଛନ୍ଦା ପୋକ ନିୟନ୍ତ୍ରଣ କରିବା ପାଇଁ ପ୍ରତି ଏକ ଲିଟର ପାଣିରେ କ୍ଲୋରୋପାଇରିଫୋସ ୫୦% ଇ.ସି + ସାଇପରମେଥ୍ରୀନ୍ ୫ % ଇ.ସି କିମ୍ବା ପ୍ରୋପେନୋଫୋସ ୫୦% ଇ.ସି ୨ ମି.ଲି ହିସାବରେ ମିଶ୍ରଣ କରି ସିଂଚନ କରନ୍ତୁ ।<br>❖ ଶୋଷକ କୀଟ (ଜଉ, ଉକୁଣିଆ, ପତ୍ରଡିଆଁ, ଦହିଆ ଓ ଧଳାମାଛି):<br>ବର୍ତମାନ ପାଗରେ ଶୋଷକ କୀଟ ମାନେ ଅଧିକ ସକ୍ରିୟ ରୁହନ୍ତି । ନିୟନ୍ତ୍ରଣ ପାଇଁ ପ୍ରାଥମିକ ଅବସ୍ଥାରେ ଶୁଖିଲା ପାଗ ଦେଖି ଏକର ପିଛା ୬୦୦ ମିଲିଗ୍ରାମ ନିମ୍ବ ଆଧାରିତ କୀଟନାଶକ ଆଯାଡିରାକଟିନ୍ (୧୫୦୦ ପିପିଏମ୍) ପ୍ରତି ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |
| ଆଖୁ | ଅଭିବୃଦ୍ଧି ଅବସ୍ଥା | ❖ ନାଲିଶଢା ରୋଗ<br>ବର୍ଷା ଛାଡିଗଲା ପରେ ଆଖୁ ଫସଲରେ ନାଲିଶଢା ରୋଗର ପରିଚାଳନା ପାଇଁ ଏକର ପ୍ରତି ୪୦୦-ଗ୍ରାମ କାରବେନଡାଜିମ ଏବଂ ମାଙ୍କୋଜେବ (carbendazim ଏବଂ mancozeb) କିମ୍ବା୪୦୦-ଗ୍ରାମ ମେଟାଲାଗଜିଲ ଏବଂ ମାଙ୍କୋଜେବ (Metalaxylଏବଂ mancozeb) ର ମିଳିତ ଫିମ୍ପିନାଶକ, ୨୦୦ ଲିଟରପାଣିରେ ମିଶାଇ ସିଂଚନ କରନ୍ତୁ। |

| | | |
|---|---|---|
| କଖାରୁ ଜାତୀୟ ପନିପରିବା | ତରୁଣ ଅବସ୍ଥାରୁ ଫଳ ଧରିବା ଅବସ୍ଥା | ❖ କାଙ୍କେଡିଆ ପୋକ<br>ବର୍ତମାନ ସମୟରେ କଖାରୁ ଜାତୀୟ ପନିପରିବା ଫସଲରେ କାଙ୍କେଡିଆ ପୋକ ଲାଗିବାର ସମ୍ଭାବନା ରହିଛି । କାଙ୍କେଡିଆ ପୋକ ର ପରିଚାଳନା ପାଇଁ ବର୍ଷା ଛାଡିଗଲା ପରେ ପ୍ରାଥମିକ ଅବସ୍ଥାରେ ପ୍ରତି ଲିଟର ପାଣି ରେ ୩-ମିଲି ନିମ୍ବଜାତୀୟ କୀଟନାଶକ ୧୫୦୦ପିପିଏମ କୁ ମିଶାଇ ସିଞ୍ଚନ କରନ୍ତୁ। ରାସାୟନିକ ଉପାୟରେ ଏହି ପୋକର ପରିଚାଳନା ପାଇଁ ପ୍ରତି ଲିଟର ପାଣି ରେ ୨ମିଲି କ୍ଲୋରୋପାଇରିଫସ (Chlorpyriphos) ନାମକ କୀଟନାଶକ କିମ୍ବା ୨-ମିଲି ପ୍ରୋଫେନୋଫସ (Profenophos) ନାମକ କୀଟନାଶକ, ମିଶାଇ ସିଞ୍ଚନ କରନ୍ତୁ। |
| ଟମାଟୋ /ବିଲାତିବାଇଗଣ | ଚାରାଅବସ୍ଥା | ❖ ବିହନ ବିଶୋଧନ<br>ବୁଣିବା ଆଗରୁ ୧ କି. ଗ୍ରା. ବିହନ ପ୍ରତି ୨ ଗ୍ରାମ Carboxin 37.5%+ Thiram 37.5% D.S କିମ୍ବା ୪ ଗ୍ରାମ Imidacloprid ମିଶାଇ ବିଶୋଧନ କରନ୍ତୁ । ବିଶୋଧିତ ବିହନ କୁ ମଞ୍ଜି କୁ ମଞ୍ଜି ୨.୫ ସେ.ମି., ଧାଡି କୁ ଧାଡି ୫ ସେ.ମି. ବ୍ୟବଧାନରେ ଓ ୧ ସେ. ମି. ଗଭୀରରେ ବୁଣନ୍ତୁ । ଶୀଘ୍ର ଗଜା ହେବା ପାଇଁ ପଟାଳି କୁ ପାଳ କିମ୍ବା ଶୁଖିଲା ପତ୍ର ଦ୍ୱାରା ଘୋଡାଇ ଦିଅନ୍ତୁ । ମଞ୍ଜି ବୁଣିବାର ୧୫ ଦିନ ପରେ ୨ ଗ୍ରାମ Carbendazim + Mancozeb କୁ ୧ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ୩-୪ ସପ୍ତାହର ତଳିକୁ ମୁଖ୍ୟ ଜମିରେ ରୋପଣ କରନ୍ତୁ । |
| ଅମୃତଭଣ୍ଡା | ଅଭିବୃଦ୍ଧି / ଫଳ ଧରିବା | ❖ ଦହିଆ/ ଚୂର୍ଣ ପୃଷ୍ଠ ପୋକ-<br>ଶୁଖିଲା ପାଗ ଦେଖି ପ୍ରାରମ୍ଭିକ ଅବସ୍ଥା ରେ ଦହିଆ/ ଚୂର୍ଣ ପୃଷ୍ଠ ପୋକ ପରିଚାଳନା ପାଇଁ ପ୍ରତି୧୦-ଲିଟର ପାଣିରେ ୩୦-ମିଲି ନିମ୍ବ ଆଧାରିତ କୀଟନାଶକ ମିଶାଇ ସିଞ୍ଚନ କରନ୍ତୁ । ଏହା ବ୍ୟତୀତ ଗଛ ରେ ସାବୁନ ଗୁଣ୍ଡ ମିଶ୍ରିତ ପାଣି ସିଞ୍ଚନ କରାଯାଇ ପାରିବ। ପୋକ ର ଆକ୍ରମଣ ଅଧିକ ହେଲେ ରାସାୟନିକ କୀଟନାଶକ ସିଞ୍ଚନ କରନ୍ତୁ। ରାସାୟନିକ ଉପାୟରେ ଏହି ପୋକ ର ଦମନ ପାଇଁ ପ୍ରତି ୧୦-ଲିଟର ପାଣିରେ ୨୦-ମିଲି ପ୍ରୋଫେନୋଫସ (Profenophos) ନାମକ କୀଟନାଶକ କିମ୍ବା ୩-ଗ୍ରାମ ଥିଆମିଥୋଗଜାମ (Thiamethoxam) ନାମକ କୀଟନାଶକ ମିଶାଇ ସିଞ୍ଚନ କରନ୍ତୁ। |
| ନଡିଆ | ତରୁଣ ଅବସ୍ଥାରୁ ଫଳ ଧରିବା ଅବସ୍ଥା | ❖ କାଳିମୁଣ୍ଡି<br>କାଳିମୁଣ୍ଡି ପୋକ ର ପରିଚାଳନା ପାଇଁ ବ୍ରାକୋନ କାର୍ଡ ଜୈବ ପରୀକ୍ଷାଗାର ରୁ ଆଣି ଗଛ ବାହୁଙ୍ଗା ରେ ବାନ୍ଧିଦିଅନ୍ତୁ । ଆକ୍ରାନ୍ତ ବାହୁଙ୍ଗା କୁ କାଟିପୋଡି ଦିଅନ୍ତୁ। ବର୍ଷା ଛାଡିଗଲା ପରେ ରାସାୟନିକ ଉପାୟରେ ଏହି କୀଟର ପରିଚାଳନା ପାଇଁ ପ୍ରତି ୧୦-ଲିଟର ପାଣିରେ ୪-ମିଲି କ୍ଲୋରାନଟ୍ରାନିପ୍ରୋଲ (Chlorantraniliprole) ନାମକ କୀଟନାଶକ କିମ୍ବା ୪-ଗ୍ରାମ ଏମାମେକଟୀନ ବେଞ୍ଜୋଏଟ (Emamectin Benzoate) ନାମକ କୀଟନାଶକ ମିଶାଇ ପତ୍ର ଉପରେ ସିଞ୍ଚନ କରନ୍ତୁ । |
| ଗେଣ୍ଡୁ ଓ ଗୋଲାପ | ତରୁଣ ଅବସ୍ଥା ରୁ ଫୁଲ ଧରିବା ଅବସ୍ଥା | ❖ ବର୍ଷା ଛାଡିଗଲା ପରେ ନାଲି ବୁଢିଆଣୀ ଅଷ୍ଟପଦୀର ପରିଚାଳନା ପାଇଁ ପ୍ରତି ଲିଟର ପାଣିରେ ୨-ଗ୍ରାମ ସଲଫର (sulphur) ସେଚିତ ଗୁଣ୍ଡ କିମ୍ବା୨- ମିଲି ପ୍ରୋପାରଜାଇଟ (Propargite)ନାମକ କୀଟନାଶକ କିମ୍ବା୨-ମିଲି ଫେନପାଇରୋଗଜିମେଟ (Fenpyroximate) ନାମକ କୀଟନାଶକ ମିଶାଇ ସିଞ୍ଚନ କରନ୍ତୁ । |

ତୁଷାର ରଞ୍ଜନ ମହାନ୍ତି
ନୋଡାଲ୍ ଅଫିସର,
ଗ୍ରାମୀଣ କୃଷି ମୌସମ ସେବା,ଓ.ୟୁ.ଏ.ଟି

ଅଧକ୍ଷ, ଗବେଷଣା ନିର୍ଦ୍ଦେଶାଳୟ,
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

ଚାଷରେଅଧିକଲାଭବାନହେବାପାଇଁଓୟୁଏଟିକଳିଙ୍ଗଉତ୍ପାଦ (ଚାରା,QPM, ଟିସୁ କଲଚର ଗଛ, ଫଳ ଓ ପନିପରିବା, ଯାଆଁଳ,କୁକୁଡା ଚିଆଁ, ଛତୁ, ଛତୁ ମଞ୍ଜି, ଜୈବିକ ସାର, ଜୈବିକ କୀଟନାଶକ, ଜିଆ ଖତ, କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟପାଣିପାଗବିଭାଗରପୂର୍ବାନୁମାନଓପାଣିପାଗଭିତିକକୃଷିସୂଚନାନିମନ୍ତେଅଧିକବିବରଣୀପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।

(Android: https://play.google.com/store/apps/details?id=com.aas.meghdoot)

(iOS: https://apps.apple.com/in/app/meghdoot/id1474048155)